# ଆନ୍ଧ୍ର ଜମି ମାଫିଆଙ୍କ ବିରୋଧରେ ଆଦିବାସୀ ମେଳି

ଗୁଣପୁର,୧୮ ।୩(ପ୍ରଦୀପ କୁମାର ପାଢ଼ୀ)

■ ସୀମାନ୍ତ ଗ୍ରାମ କୁକୁରୁଗୁଡ଼ା ଉପରେ ଆନ୍ଧ୍ର ବ୍ୟବସାୟୀଙ୍କ ନଜର
■ ୬୦ ଏକର ଜମି ହାତେଇନେଇଥିବା ଅଭିଯୋଗ


କୁକୁରୁଗୁଡ଼ା ଗ୍ରାମବାସୀଙ୍କ ସହ ଆଦିବାସୀ ମୋର୍ଚ୍ଚାର ନେତା।

ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ ଅନ୍ତର୍ଗତ ଗୋଠଲପଦର ପଞ୍ଚାୟତର କୁକୁରୁଗୁଡ଼ା ଗ୍ରାମ ଆନ୍ଧ୍ର-ଓଡ଼ିଶା ସୀମାରେ ରହିଛି। ତେବେ ଏହି ଗ୍ରାମରେ ଆଦିବାସୀମାନେ ବସବାସ କରୁଥିବାବେଳେ ସେମାନଙ୍କ ନାମରେ କୌଣସି ଜମି ନାହିଁ କି ଘରଡିହ ପଟ୍ଟା ମଧ ନାହିଁ। ଏହାର ସୁଯୋଗ ନେଇ ଆନ୍ଧ୍ରପ୍ରଦେଶର ଜଣେ ଅଣ ଆଦିବାସୀ ଜମି ବ୍ୟବସାୟୀ ସରକାରୀ କଳକୁ ହାତକରି କୁକୁରୁଗୁଡ଼ା ଗାଁର ପ୍ରାୟ ୬୦ ଏକରରୁ ଉର୍ଦ୍ଧ୍ୱ ଜମିର କାଗଜପତ୍ର ନିଜ ନାଁରେ କରିନେଇଥିବା ଅଭିଯୋଗ ହୋଇଛି। ସୋମବାର ଆନ୍ଧ୍ରର ଜମି ମାଫିଆମାନେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ କାଜୁଗଛକୁ ଜେସିବି ମେସିନ ମାଧ୍ୟମରେ କାଟି ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛନ୍ତି। ଓଡ଼ିଶା ମାଟିରେ ଆନ୍ଧ୍ରପ୍ରଦେଶ ଜମିଦାରମାନେ ଆଦିବାସୀମାନଙ୍କ ଜୀବନ ଜୀବିକା ଉପରେ ଆକ୍ରମଣକୁ ଆଦିବାସୀ ସଂଘର୍ଷ ମୋର୍ଚ୍ଚା ତରଫରୁ କେନ୍ଦ୍ରୀୟ ନେତା ତ୍ରିପତି ଗମାଙ୍ଗ ଓ ରାଇନା ଶବର ତୀବ୍ର ସମାଲୋଚନା କରିବା ସହ ବିରୋଧ କରିଛନ୍ତି। ଏହାର ପ୍ରତିବାଦରେ ଶତାଧିକ ଆଦିବାସୀ ମେଳି କରିଛନ୍ତି।

ଆଦିବାସୀ ସଂଘର୍ଷ ମୋର୍ଚ୍ଚା ତରଫରୁ ଏକ କମିଟି ମଙ୍ଗଳବାର ଗୁଣପୁର ବ୍ଲକ୍ ଅନ୍ତର୍ଗତ ଗୋଠଲପଦର ପଞ୍ଚାୟତର କୁକୁରୁଗୁଡ଼ା ଗାଁକୁ ଯାଇଥିଲେ। ସେଠାରେ ରହୁଥିବା ଆଦିବାସୀମାନେ ପୂର୍ବ ପୁରୁଷରୁ ଜଙ୍ଗଲ ଜମିରେ ଲଗାଇଥିବା କାଜୁ ବାଡ଼କୁ ଅନୁଧ୍ୟାନ କରିଥିଲେ। ଉକ୍ତ ଗ୍ରାମରେ ଆଦିବାସୀଙ୍କ ନାମରେ କୌଣସି ଜମି କିମ୍ବା ଘର ଡିହ ପଟ୍ଟା ନ ଥିବାରୁ ସେମାନେ ଜଙ୍ଗଲକୁ ସଫାକରି ଧାନ, ମଣ୍ଡିଆ, କାନ୍ଦୁଲ, କପା, କାଜୁ ଗଛ ଲଗାଇଛନ୍ତି। ସେଥିରୁ ଯାହା ଆଦାୟ ହେଉଛି ସେଥିରେ ନିଜ ପରିବାର ପ୍ରତିପୋଷଣ କରୁଛନ୍ତି। ଉକ୍ତ ଜମି ଆଦିବାସୀଙ୍କ ଭୋଗ ଦଖଲରେ ରହିଛି। ତେଣୁ କୌଣସି ପରିସ୍ଥିତିରେ ଏହି ଜମି ଆନ୍ଧ୍ର ବ୍ୟବସାୟୀଙ୍କ ହାତକୁ ଟେକିଦିଆଯିବ ନାହିଁ ବୋଲି ଆଦିବାସୀ ସଂଘର୍ଷ ମୋର୍ଚ୍ଚା ତରଫରୁ କୁହାଯାଇଛି। ମୁଖ୍ୟମନ୍ତ୍ରୀ ଏ ଦିଗରେ ଦୃଷ୍ଟିଦେଇ ଆଦିବାସୀଙ୍କ ଭୋଗ ଦଖଲରେ ରହିଥିବା ଜମି ବିକ୍ରି କରିବା ବନ୍ଦକରି ରେଜିଷ୍ଟ୍ରେଶନ ବାତିଲ କରିବା ପାଇଁ ଦାବି କରିଛନ୍ତି। ଆଦିବାସୀଙ୍କ ମଧ୍ୟରେ ପଟ୍ଟା ପ୍ରଦାନ କରିବା ସହ ଏହାର ସମାଧାନ ନ ହେଲେ ବଡ଼ ଧରଣର ଆଦିବାସୀ ଆନ୍ଦୋଳନ କରିବା ପାଇଁ ତଦନ୍ତ ମୋର୍ଚ୍ଚା ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। କମିଟିରେ ରାଇନା ଶବର, ନିରଞ୍ଜନ ନିମାଲା, ଜଗଦୀଶ ବିଡ଼ିକା, ମୋଜେସ ବିଡ଼ିକା, ସମ୍ବରା ବିଡ଼ିକା, ଲଣ୍ଡା ବିଡ଼ିକା, ସଲୋମି ନିମାଲା, ଅଶ୍ୱିନୀ ବିଡ଼ିକା, ରାଧା ବିଡ଼ିକା, କୁମାରୀ ବିଡ଼ିକା, ଲେଙ୍ଗିଡି ବିଡ଼ିକା ପ୍ରମୁଖ ଉପସ୍ଥିତ ଥିଲେ।

# ବିଏମ୍ଏସ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ


ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ ଦାବିପତ୍ର ଗ୍ରହଣ କରୁଛନ୍ତି।

ରାୟଗଡ଼ା,୧୮ ।୩(ଆଶିଷ ରଞ୍ଜନ ପଣ୍ଡା)

ଭାରତୀୟ ମଜଦୁର ସଂଘ (ବିଏମ୍ଏସ୍) ରାୟଗଡ଼ା ଜିଲା ସମ୍ପାଦକ ଗଣେଶ କୁମାର ସାହୁଙ୍କ ନେତୃତ୍ୱରେ ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଠକର ବାପା ଆଶ୍ରମଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ସହରର ମୁଖ୍ୟ ରାସ୍ତା ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ୮ ଦଫା ଦାବିପତ୍ର ପ୍ରଦାନ କରିଥିଲେ। ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକ ଦାବିପତ୍ର ଗ୍ରହଣ କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ମିନତି ଦେଓଙ୍କୁ ମଧ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ଭାରତୀୟ ମଜଦୁର ସଂଘ ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ, ମୋହନ ରାଓ ମାଝୀ, ଜୟନ୍ତୀ ପଦ୍ମାଳୟା ସାହୁ, ଉଷାରାଣୀ ଦାଶ , କିଶୋର କୁମାର ସାହୁ , ଦୁର୍ଗା ମାଧବ ଘୋଷ ଯୋଗ ଦେଇଥିଲେ।

ଦେଶରେ ପ୍ରାୟ ୭୬ ଲକ୍ଷରୁ ଉର୍ଦ୍ଧ୍ୱ ଇପିଏଫ୍ ଅନ୍ତର୍ଗତ ପେନ୍ସନଭୋଗୀ ଅଛନ୍ତି। ସେମାନଙ୍କୁ ସର୍ବନିମ୍ନ ୧ ହଜାର ପେନ୍ସନ ମିଳୁଛି। ସର୍ବନିମ୍ନ ପେନ୍ସନ ୫ ହଜାରକୁ ବୃଦ୍ଧି କରିବା ସହ ମହଙ୍ଗା ଭତ୍ତା ସହିତ ଯୋଡ଼ିବା ପାଇଁ ଦାବି କରିଛି ସଂଘ। ପେନ୍ସନ ଭୋଗୀଙ୍କ ପାଇଁ ଆୟୁଷ୍ମାନ୍ ଭାରତ ସ୍ୱାସ୍ଥ୍ୟ ଯୋଜନା ଅନ୍ତର୍ଭୁକ୍ତ କରିବା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛି। ସୁବିଧାରୁ ବଞ୍ଚିତ ଶ୍ରମିକଙ୍କ ପାଇଁ ବିଶେଷ ଅର୍ଥ ବ୍ୟବସ୍ଥା କରିବାକୁ ସଂଘ ବାରମ୍ବାର ଦାବିକରି ଆସଥିଲେ ମଧ ସରକାର ଅଦ୍ୟାବଧି ଅସଙ୍ଗଠିତ ଶ୍ରମିକମାନଙ୍କ ଭବିଷ୍ୟତ ସୁରକ୍ଷିତ ପାଇଁ କୌଣସି ନିର୍ଣ୍ଣୟ ନେଇ ନାହାନ୍ତି ବୋଲି ଅଭିଯୋଗ ହୋଇଛି। ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ମଧ୍ୟାହ୍ନଭୋଜନ ପ୍ରସ୍ତୁତକାରୀ ଭଳି ସ୍କିମ୍ କର୍ମଚାରୀ ତଥା ବିଡି, ବୃକ୍ଷରୋପଣ, ଚା ବଗିଚା କର୍ମଚାରୀ, କୃଷି ଶ୍ରମିକ ଏବଂ ଖଣି ଶ୍ରମିକଙ୍କ ଭଳି ଅସଂଗଠିତ କର୍ମଚାରୀମାନେ ସାମାଜିକ ସୁରକ୍ଷା ଅନ୍ତର୍ଗତ ପେନ୍ସନ ଓ ୬୦ ବର୍ଷ ପରେ ଚିକିତ୍ସାରୁ ବଞ୍ଚିତ ଓ ଅବହେଳିତ ହେଉଛନ୍ତି। ତେଣୁ ସରକାର ଏହି ସବୁ ଦାବି ପୂରଣ କରିବା ପାଇଁ ସଂଘ ପକ୍ଷରୁ ନିବେଦନ କରାଯାଇଛି।

# ସବ୍ୟସାଚୀ କୋର୍ଟରେ ହାଜର

## ଡିମିରିଗୁଡ଼ାରେ ପୋଲିସ ଉପରେ ଆକ୍ରମଣ ମାମଲା

ଗୁଣପୁର,୧୮ ।୩(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଡ଼ାରି ବ୍ଲକ୍‌ର ଡିମିରିଗୁଡାଠାରେ ପୋଲିସ ଉପରେ ଆକ୍ରମଣ ମାମଲାରେ ମାଓବାଦୀ ନେତା ସବ୍ୟସାଚୀ ପଣ୍ଡାଙ୍କୁ ମଙ୍ଗଳବାର ଗୁଣପୁର ସବ୍‌ଜଜ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। ସବ୍‌ଜଜ୍ ସନ୍ତୋଷ ମହାପାତ୍ର ମାମଲାର ଅଭିଯୋଗକାରୀ ତଥା ଗୁଡ଼ାରି ଥାନାର ତତ୍କାଳୀନ ଏସ୍ଆଇ ଗୌରାଙ୍ଗ ମଲିକଙ୍କ ସାକ୍ଷ୍ୟ ଗ୍ରହଣ କରିଥିଲେ। ସରକାରଙ୍କ ପକ୍ଷରୁ ଉମା ଚରଣ ପଟ୍ଟନାୟକ ଏବଂ ସବ୍ୟସାଚୀଙ୍କ ପାଇଁ ବ୍ରହ୍ମାନନ୍ଦ ପଟ୍ଟନାୟକ ମାମଲାର ପରିଚାଳନା କରିଥିଲେ। ଏପ୍ରିଲ ୧୦କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ କୋର୍ଟ ପକ୍ଷରୁ ଧାର୍ଯ୍ୟ କରାଯାଇଛି। ମାମଲାରୁ ଜଣାଯାଏ ୨୧।୧୧।୨୦୦୧ରେ ଡିମିରିଗୁଡ଼ାଠାରେ ପୋଲିସ ଉପରେ ମାଓବାଦୀମାନେ ଆକ୍ରମଣ କରିଥିଲେ।

# ବିଧାନସଭା ଘେରାଉ ନେଇ ଜିଲା କଂଗ୍ରେସର ପ୍ରସ୍ତୁତି

## ମହିଳାଙ୍କ ପ୍ରତି ହିଂସା, ଅପରାଧ ବଢ଼ିବା ପ୍ରତିବାଦ

ରାୟଗଡ଼ା,୧୮ ।୩(ଆଶିଷ ରଞ୍ଜନ ପଣ୍ଡା)



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ବଳଭଦ୍ର ମାଝୀ, ଦ୍ରୌପଦୀ ମାଝୀ ଓ ଅନ୍ୟମାନେ।

ରାଜ୍ୟରେ ମହିଳାଙ୍କ ପ୍ରତି ବଢୁଛି ହିଂସା ଓ ଅପରାଧ। ନାବାଳିକାଙ୍କଠାରୁ ଆରମ୍ଭକରି ଯୁବତୀ ଓ ବିବାହିତ ମହିଳା ସମସ୍ତଙ୍କ ଉପରେ ବଢ଼ିଛି ନିର୍ଯାତନା । ଏ ନେଇ ଆସନ୍ତା ୨୭ ତାରିଖରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଉ କରାଯିବ । ଏହାକୁ ନେଇ ମଙ୍ଗଳବାର ରାୟଗଡ଼ା ଜିଲା କଂଗ୍ରେସ ଭବନଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ପ୍ରଦେଶ କଂଗ୍ରେସ କମିଟି ପ୍ରବକ୍ତା ବଳଭଦ୍ର ମାଝି ଓ ଜିଲା ପ୍ରଭାରୀ ଦ୍ରୌପଦୀ ମାଝୀ ଯୋଗଦେଇ ଦଳୀୟ ନେତା ଓ କର୍ମୀଙ୍କ ସହିତ ଆଲୋଚନା କରିଥିଲେ।

ରାଜ୍ୟରେ ରହିଥିବା ଡବଲ ଇଞ୍ଜିନ ସରକାର ଆଇନ ଶୃଙ୍ଖଳା ନିୟନ୍ତ୍ରଣ କ୍ଷେତ୍ରରେ ଫେଲ୍ ମାରିଛି ବୋଲି କହିଛନ୍ତି ପ୍ରବକ୍ତା ବଳଭଦ୍ର ମାଝି। ଗତ ୨ ବର୍ଷରେ ମହିଳାଙ୍କ ଉପରେ ହୋଇଥିବା ନିର୍ଯାତନା ସମ୍ପର୍କରେ ବିଧାନସଭାରେ ନିଜେ ମୁଖ୍ୟମନ୍ତ୍ରୀ ଦେଇଥିବା ତଥ୍ୟରୁ ଜଣାପଡ଼ିଛି । ଯଦି ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟିଦେଇ ନାରୀ ନିର୍ଯାତନାରେ ଅଙ୍କୁଶ ନ ଲଗାନ୍ତି ତେବେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇ ନାରୀ ନିର୍ଯାତନା ରୋକିବା ଦିଗରେ ପଦକ୍ଷେପ ନେବାକୁ ବାଧ ହେବ ବୋଲି ପ୍ରବକ୍ତା ବଳଭଦ୍ର କହିଛନ୍ତି । ସେହିଭଳି ରାଜ୍ୟର ଗୃହ ବିଭାଗ ନିଜେ ମୁଖ୍ୟମନ୍ତ୍ରୀ ନେଇଥିବା ବେଳେ ଏଭଳି ନାରୀ ନିର୍ଯାତନା ଲଜ୍ଜାଜନକ ବୋଲି କହିଛନ୍ତି ଜିଲା ପ୍ରଭାରୀ ଦ୍ରୌପଦୀ ମାଝୀ। ଏଭଳିକି କେନ୍ଦୁଝରରେ ନାବାଳିକା ଗର୍ଭବତୀ ହେବା ଏବଂ ମାଲକାନଗିରି ଜିଲାରେ ଜଣେ ଦଶମ ଶ୍ରେଣୀ ଛାତ୍ରୀ ପ୍ରସବ କରିବାକୁ ନେଇ ବିଷୋଦ୍‌ଗାର କରିଛନ୍ତି ଦ୍ରୌପଦୀ । ତେଣୁ ରାଜ୍ୟରେ ବଢୁଥିବା ନାରୀ ନିର୍ଯାତନା ଓ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ପ୍ରତିବାଦକରି ପ୍ରଦେଶ କଂଗ୍ରେସ ପକ୍ଷରୁ ଆସନ୍ତା ୨୭ ତାରିଖରେ ବିଧାନସଭା ଘେରାଉ କରାଯିବ ବୋଲି ଦ୍ରୌପଦୀ କହିଛନ୍ତି । ଜିଲା କଂଗ୍ରେସ ସଭାପତି ଶଙ୍କର ଜିଲାକାରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ କାର୍ଯ୍ୟକାରୀ ସଭାପତି ଶଙ୍କର୍ଷଣ ମଙ୍ଗରାଜ, ପ୍ରଦେଶ କଂଗ୍ରେସ କମିଟି ପୂର୍ବତନ ସାଧାରଣ ସମ୍ପାଦକ ଦୁର୍ଗାପ୍ରସାଦ ପଣ୍ଡା, ରାମନାଗୁଡ଼ା ଜିଲା ପରିଷଦ ସଭ୍ୟ ଶ୍ରୀଧର, ଯୁବନେତା ହରିଶ ପଟ୍ଟନାୟକଙ୍କ ସମେତ ରାୟଗଡ଼ା ବ୍ଲକ୍ ସଭାପତି ଗାଡ଼ିଗା ବାଛେଲି, କାଶୀପୁର ବ୍ଲକ୍ ସଭାପତି ଅଙ୍ଗଦ ନାଏକ ଓ ମୀରାବାଲି ସରପଞ୍ଚ ଅଶୋକ ପୁଆଲା, ସତ୍ୟବାନ ତାଡ଼ିଙ୍ଗି, ସମିତି ସଭ୍ୟ ଭୂଷଣ ବିଡ଼ିକା ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# କବିତା ମାଧ୍ୟମରେ ଅମର ହୋଇ ରହିବେ ରମାକାନ୍ତ

ରାୟଗଡା,୧୮ ।୩ (ଭାଗ୍ୟଶ୍ରୀ ମିଶ୍ର)

ମୃତ୍ୟୁ ଚେତନାକୁ ସେ ଯେତିକି ବୁଝିଛନ୍ତି, ତାଠାରୁ ଅଧିକ ପ୍ରେମର କଥାକୁ ବ୍ୟକ୍ତ କରିଛନ୍ତି। ଜୀବନର ବାସ୍ତବତାକୁ କବିତା ମାଧ୍ୟମରେ କହିବାର କଳା ସ୍ୱର୍ଗତ କବି ରମାକାନ୍ତ ରଥଙ୍କଠାରୁ ଆଉ କେହି ଅଧିକ କରିପାରିବେନି। ସେ କବିତା ମାଧ୍ୟମରେ ଅମର ହୋଇ ରହିବେ ବୋଲି ରାୟଗଡ଼ା ସାହିତ୍ୟ ମହୋତ୍ସବ କମିଟି ପକ୍ଷରୁ ଆୟୋଜିତ ସ୍ୱର୍ଗତ ପଦ୍ମଭୂଷଣ ରମାକାନ୍ତ ରଥଙ୍କ ସ୍ମୃତି ସଭାରେ କବି, ସାହିତ୍ୟିକ ଓ ସାହିତ୍ୟ ଅନୁରାଗୀମାନେ ବ୍ୟକ୍ତ କରିଛନ୍ତି । କମିଟିର ଅଧ୍ୟକ୍ଷ ଡ଼. ଦୁଷ୍ମନ୍ତ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମୃତି ସଭାରେ ସମ୍ପାଦକ ତଥା କବି ସୁଶାନ୍ତ କୁମାର ନାୟକ ସ୍ମୃତିଚାରଣ ପୂର୍ବକ କବି ରମାକାନ୍ତଙ୍କ ସହ ତାଙ୍କର ଥିବା ଭାବଗତ ସମ୍ପର୍କରେ ଆଲୋକପାତ କରିଥିଲେ । ଡ଼. ମହାନ୍ତି ନିଜ ଅଭିଭାଷଣରେ ସ୍ୱର୍ଗତ କବିଙ୍କ ଜୀବନୀ ଓ ଶ୍ରୀରାଧା କବିତା ଗ୍ରନ୍ଥର ତାତ୍ତ୍ୱିକ ବ୍ୟାଖ୍ୟା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ଼. ପ୍ରସନ୍ନ କୁମାର ଗନ୍ତାୟତ, ଜଗଦୀଶ ଚନ୍ଦ୍ର ଦୋରା, ଜୟଦେବ ସିଠ, ରାଜେନ୍ଦ୍ର କୁମାର ସାହୁ, ଲାବଣ୍ୟମୋହନ ପଟ୍ଟନାୟକ, ଅରୁଣ କୁମାର ପାଣିଗ୍ରାହୀ, ମଞ୍ଜୁଶ୍ରୀ ମୁଖାର୍ଜୀ, କୃଷ୍ଣପ୍ରିୟା ସାହାଣୀ, ଅର୍ଚ୍ଚନା ପଟ୍ଟନାୟକ, ଶରତ ଚନ୍ଦ୍ର ରାଉତ, ମନ୍ମଥ ତ୍ରୁଳ, ଶିବ ପ୍ରସାଦ ମିଶ୍ର, ପ୍ରଶାନ୍ତି ସାହୁ, ରବି ଶତପଥୀ, ରଘୁନାଥ ଭୁଏ, ରିତାରଣୀ ମିଶ୍ର, ତ୍ରିବେଣୀ ମିଶ୍ର, ଧନର ମାଝୀ ପ୍ରମୁଖ ସ୍ମୃତିଚାରଣ କରିବା ସହ କବି ରମାକାନ୍ତଙ୍କ କବିତା ପାଠ କରିଥିଲେ। ଶେଷରେ ଲେଖକ ଡ. ଦ୍ୱିତୀଚନ୍ଦ୍ର ସାହୁ ରମାକାନ୍ତଙ୍କ କବିତାରେ ମୃତ୍ୟୁ ଚେତନା ଓ ଦର୍ଶନ ସମ୍ପର୍କରେ ଆଲୋକପାତ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।


ରମାକାନ୍ତ ରଥଙ୍କ ସ୍ମୃତି ସଭାରେ ରାୟଗଡ଼ା ସାହିତ୍ୟ ମହୋତ୍ସବ କମିଟି କର୍ମକର୍ତ୍ତା।

# ଯାତ୍ରୀ ବିଶ୍ରାମାଗାରରୁ ୨.୬୨ କୁଇଣ୍ଟାଲ ଗଞ୍ଜେଇ ଜବତ

ମୁନିଗୁଡା,୧୮ ।୩
(ନନ୍ଦ କିଶୋର ପଟ୍ଟନାୟକ)


ଜବତ ଗଞ୍ଜେଇ।

ମୁନିଗୁଡା ଥାନା ଅଧୀନ ବାଲକାବାଜୁ ଗାଁ ନିକଟରେ ଥିବା ଏକ ଯାତ୍ରୀ ବିଶ୍ରାମାଗାରରେ ଚୋରା ଚାଲାଣ ପାଇଁ ରଖାଯାଇଥିବା ୨ କୁଇଣ୍ଟାଲ ୬୨କେଜି ଗଞ୍ଜେଇକୁ ମୁନିଗୁଡ଼ା ପୋଲିସ ଜବତ କରିଛି। ଏହି ଘଟଣାରେ କାହାକୁ ଗିରଫ କରାଯାଇ ନ ଥିବା ବେଳେ ଏ ନେଇ ମୁନିଗୁଡା ଥାନାରେ କେସ୍ ନମ୍ବର ୫୯/୨୫ ରେ ଏକ ମାମଲା ରୁଜୁ କରାଯାଇଛି। ପରେ ଜବତ ଗଞ୍ଜେଇକୁ ବିଷମକଟକ କୋର୍ଟକୁ ପଠାଯାଇ ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ଥାନା ସୂତ୍ରରୁ ଜଣାପଡିଛି।

ପୋଲିସର ସୂଚନା ଅନୁଯାୟୀ, ମୁନିଗୁଡ଼ା ଥାନା ଅଧୀନରେ ଥିବା ଡାଙ୍ଗସୋରଡା ଫାଣ୍ଡିର ଏସ୍ଆଇ ନରେନ୍ଦ୍ର ବେହେରା ପାଟ୍ରୋଲିଂ କରିବା ସମୟରେ ବାଲକାବାଜୁ ଗାଁ ନିକଟରେ ଥିବା ଏକ ଯାତ୍ରୀ ବିଶ୍ରାମାଗାର ନିକଟରେ କିଛି ବସ୍ତା ରଖାଯାଇଥିବା ଦେଖି ଗଞ୍ଜେଇ ଥିବା ସନ୍ଦେହକରି ମୁନିଗୁଡା ଥାନାକୁ ଖବର ଦେଇଥିଲେ । ଖବରପାଇ ମୁନିଗୁଡା ଥାନା ଅଧିକାରୀ ସୌଦାମିନୀ ବେହେରାଙ୍କ ସମେତ ଏସ୍ଆଇ ବିକାଶ ଦେବନାଥ, ପ୍ରଦୀପ କୁମାର ରଥ, ସୁଶୀଲ ଜେନା, ଏଏସ୍ଆଇ ଜୟଚନ୍ଦ୍ର ସାହୁ ଓ ଏଫ୍.ଏ. ମହମ୍ମଦ ଘଟଣାସ୍ଥଳରେ ପହଞ୍ଚି ତନଖି କରିବାବେଳେ ୨୧ଟି ବ୍ୟାଗ୍‌ରେ ଗଞ୍ଜେଇ ଥିବା ଜାଣିଥିଲେ। ସେଗୁଡିକୁ ମୁନିଗୁଡା ଥାନାକୁ ଆଣି ଓଜନ କରିବା ବେଳେ ୨ କୁଇଣ୍ଟାଲ ୬୨କେଜି ଗଞ୍ଜେଇ ଥିବା ଜଣାପଡିଥିଲା ।

# ସ୍କୁଲ ତାଲା ଭାଙ୍ଗି ଚୋରି ମାମଲା, ଅଭିଯୁକ୍ତଙ୍କୁ ୩ବର୍ଷ ଜେଲ

ରାୟଗଡ଼ା, ୧୮ ।୩ (ଆଶିଷ ରଞ୍ଜନ ପଣ୍ଡା)

ସ୍କୁଲରେ ତାଲା ଭାଙ୍ଗି ଚୋରି ମାମଲାର ଶୁଣାଣିକରି ଏସ୍‌ଡିଜେଏମ୍ ବର୍ଷା ଦାସ ଅଭିଯୁକ୍ତ ହରେନ୍ଦ୍ର ମିଣିଆକାଙ୍କୁ ୩ବର୍ଷ ଜେଲ ସହ ୧୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟେ ୭ମାସ ଦଣ୍ଡାଦେଶ ଶୁଣାଇଛନ୍ତି । ଏହି ମାମଲାରେ ୮ଜଣଙ୍କ ସାକ୍ଷ୍ୟ ପ୍ରମାଣ ଗ୍ରହଣ କରାଯାଇ ଏସ୍‌ଡିଜେଏମ୍ ଦାସ ଏହି ରାୟ ଶୁଣାଇଛନ୍ତି।

ସୂଚନାଯୋଗ୍ୟ, ଗତ ବର୍ଷ ଅଗଷ୍ଟ ୨୮ତାରିଖ ରାତିରେ ଚାନ୍ଦିଲି ଥାନା ଅଧୀନ ଅମଲାଭଟା ଛକ ନିକଟରେ ଥିବା ପ୍ରାଥମିକ ବିଦ୍ୟାଳୟର ତାଲା ଭାଙ୍ଗି ଗୋଟିଏ ଇନ୍‌ଭର୍ଟର ଏବଂ ବ୍ୟାଟେରି ଚୋରି ହୋଇଥିଲା। ଏ ନେଇ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଚାନ୍ଦିଲି ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ କରିଥିଲା। ଅଭିଯୁକ୍ତ ହରେନ୍ଦ୍ର ମିଣିଆକାଙ୍କ ଉପରେ ସନ୍ଦେହ ହେବାରୁ ପୋଲିସ ତାଙ୍କୁ ଥାନାକୁ ଆଣି ପଚରାଉଚରା କରିବାରୁ ସେ ଚୋରି କରିଥିବା ସ୍ୱୀକାର କରିଥିଲେ। ପୋଲିସ ଏହି ଘଟଣାରେ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିବା ସହ ତାଙ୍କ ପାଖରୁ ଚୋରି ଜିନିଷ ଜବତ କରିଥିଲା । ଏହି ମାମଲାକୁ ସରକାରୀ ଓକିଲ ସଚ୍ଚିଦାନନ୍ଦ ଖାଡଙ୍ଗା ପରିଚାଳନା କରୁଥିଲେ । ପ୍ରକାଶ ଥାଉ କି ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଅନେକ ମାମଲା ରହିଛି।

# ପୋଲିସର ମୈତ୍ରୀ, ଆଦିବାସୀ ମେଳା

ମୁନିଗୁଡ଼ା,୧୮ ।୩ (ନନ୍ଦ କିଶୋର ପଟ୍ଟନାୟକ)


ପିଲାଙ୍କୁ ସ୍କୁଲ ବ୍ୟାଗ୍ ବଣ୍ଟନ କରାଯାଉଛି।

ମୁନିଗୁଡ଼ା ଥାନା ଅନ୍ତର୍ଗତ ଆଦର୍ଶ ଗ୍ରାମ ଶକଟାଠାରେ ପୋଲିସ ତରଫରୁ ମଙ୍ଗଳବାର ମୈତ୍ରୀ ଓ ଆଦିବାସୀ ମେଳା ଆୟୋଜିତ ହୋଇଯାଇଛି। ମୁନିଗୁଡା ଏସ୍‌ଡିପିଓ ସନ୍ତୋଷିନୀ ଓରାମ ଓ ଥାନା ଅଧିକାରୀ ସୌଦାମିନୀ ବେହେରାଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ମେଳାରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ୍ କୁମାର, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ପାଇକ ଜାକାକା, ସମିତି ସଭ୍ୟା ଗେମ୍ବାଲି ଭାଗ୍ୟବତୀ, ଗ୍ରାମର ଉଦୀୟମାନ ଯୁବକ ଜିତୁ ଜାକେଶିକା ପ୍ରମୁଖ ଯୋଗଦେଇ ଆନୁଷ୍ଠାନିକ ରୂପେ ମେଳାର ଉଦ୍‌ଘାଟନ କରିଥିଲେ। ପୋଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ଏବଂ ସାଧାରଣ ଲୋକ ପୋଲିସକୁ ଭୟ ନ କରି ଯେକୌଣସି ସମସ୍ୟା ହେଲେ ଆସି ଥାନାରେ ଜଣାଇବା ସହ ଅଞ୍ଚଳରେ ହେଉଥିବା ଅସାମାଜିକ ତଥା ଆପରାଧିକ କାର୍ଯ୍ୟକୁ ରୋକିବା ପାଇଁ ପୋଲିସକୁ ସହଯୋଗ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ । ସେହିପରି ଆଜିକାଲି ସାଇବର ଠକେଇ ଦିନକୁ ଦିନ ବୃଦ୍ଧି ପାଉଥିବାରୁ ନିୟମଗିରି ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଅପରାଧୀମାନେ ଟାର୍ଗେଟ କରିପାରନ୍ତି । ତେଣୁ ଅଜଣା ନମ୍ବରରୁ ଆସୁଥିବା ଫୋନ କଲ୍‌କୁ ବିଶ୍ୱାସ ନ କରିବାକୁ ଉପସ୍ଥିତ ମହିଳାମାନଙ୍କୁ ସଚେତନତା କରାଯାଇଥିଲା। ଆଦିବାସୀ ମେଳାରେ ଜନଜାତି ଲୋକଙ୍କୁ ସ୍ୱାସ୍ଥ୍ୟ ସଚେତନତା ସହ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷାକରି ଔଷଧ ବଣ୍ଟନ କରାଯାଇଥିଲା। ଏଥିସହ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ, ମହିଳାଙ୍କୁ ଶାଢ଼ି, କମ୍ବଳ, ପୁରୁଷଙ୍କୁ ଛତା, ମଶାରି, ସୋଲାର ଲାଇଟ, ଯୁବକଙ୍କୁ ଖେଳ ସାମଗ୍ରୀ, ଗ୍ରାମବାସୀଙ୍କୁ ବାଦ୍ୟ ଉପକରଣ ପ୍ରଦାନ କରାଯାଇଥିଲା। ମେଳାରେ ଡେଙ୍ଗୁଣି ଓ ସକଟା ଗ୍ରାମ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ପ୍ରତିଯୋଗିତା ହୋଇଥିଲା। ବିଜେତା ଶକଟା ଦଳ, ଉପବିଜେତା ଡେଙ୍ଗୁଣି ଏବଂ ଅନ୍ୟ ଦୁଇଟି ଦଳଙ୍କୁ ଟ୍ରଫି ଓ ଟି -ଶାର୍ଟ ପ୍ରଦାନ କରାଯାଇଥିଲା । ଗ୍ରାମର ମହିଳା ଓ ପୁରୁଷମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେମାନଙ୍କ ସହ ଏସ୍‌ପି ଏସ୍. କୁମାର ଏବଂ ଏସ୍‌ଡିପିଓ ଓରାମ, ଆଇଆଇସି ବେହେରା ଆଦିବାସୀ ନୃତ୍ୟ ଓ ସଙ୍ଗୀତରେ ଭାଗ ନେଇଥିବା ଦେଖିବାକୁ ମିଳିଥିଲା। ଉକ୍ତ ମେଳାରେ ମୁନିଗୁଡ଼ା ଥାନାର ଏସ୍ଆଇ ବିକାଶ ଦେବନାଥ, ହୋମଗାର୍ଡ ପ୍ଲାଟୁନ କମାଣ୍ଡର ସନ୍ତୋଷ ପାଢ଼ୀ ପ୍ରମୁଖଙ୍କ ସମେତ ଥାନାରେ ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ପରିଚାଳନା ଓ ସହଯୋଗ କରିଥିଲେ।

# ମାସିକ ୨୫୦ ଟଙ୍କା ବିଲ୍ ବାନ୍ଧୁଛୁ, ମିଳୁନି ପାଣି

ରାୟଗଡା,୧୮ ।୩ (ଭାଗ୍ୟଶ୍ରୀ ମିଶ୍ର )

■ ସୁଇପର କଲୋନିରେ ଜଳକଷ୍ଟ
■ ସମାଧାନ ନ ହେଲେ ଜିଲାପାଳଙ୍କ ଅଫିସ୍ ଘେରିବାକୁ ଚେତାବନୀ


ମହିଳାମାନେ ଖାଲି ହାଣ୍ଡି ଧରି ପ୍ରତିବାଦ କରୁଛନ୍ତି।

ଗ୍ରୀଷ୍ମ ଆରମ୍ଭରୁ ରାୟଗଡ଼ା ସହରର ବିଭିନ୍ନ ସ୍ଥାନରେ ଦେଖାଦେଲାଣି ଜଳକଷ୍ଟ। ରାୟଗଡ଼ା ପୌର ପରିଷଦ ଅଧୀନ ୪ ନମ୍ବର ୱାର୍ଡର ସୁଇପର କଲୋନିବାସୀ ପିଇବା ପାଣି ଟୋପାଏ ପାଇଁ ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି। ସମସ୍ତ ଘରକୁ ପାନୀୟ ଜଳ ଯୋଗାଣ ପାଇଁ ପାଇପ୍ ସଂଯୋଗ ହୋଇଛି। ସାହିବାସିନ୍ଦା ପ୍ରତି ମାସରେ ୨୫୦ ଟଙ୍କା ଲେଖାଏ ପାଣି ବିଲ୍ ଡିପୋଜିଟ୍ କରୁଛନ୍ତି, ହେଲେ ୭ ରୁ ୮ ଦିନରେ ଥରେ ପାଣି ଆସୁଛି । ତାହା ବି ୨ ରୁ ୩ ହାଣ୍ଡି ବୋଲି ସାହିବାସିନ୍ଦା ଅଭିଯୋଗ କରିଛନ୍ତି।

ସୁଇପର କଲୋନିରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ପରିବାର ବାସ କରୁଛନ୍ତି। ଏଠାରେ ରହୁଥିବା ପ୍ରାୟ ଦିନ ମଜୁରିଆ ଶ୍ରେଣୀର ଲୋକ। ତେବେ ଦୀର୍ଘଦିନ ହେଲା ଏଠାରେ ପାନୀୟ ଜଳ ସମସ୍ୟା ଲାଗି ରହିଛି । ଏ ନେଇ ସାହି ବାସିନ୍ଦା ଅନେକ ଥର ୱାର୍ଡର କାଉନସିଲରଙ୍କୁ ଅବଗତ କରିଥିଲେ ସୁଦ୍ଧା କିଛି ସୁଫଳ ମିଳି ନ ଥିବା କହିଛନ୍ତି। ୪ ନମ୍ବର ୱାର୍ଡର କାଉନସିଲର ସୁକାନ୍ତ ପରିଡ଼ାଙ୍କୁ ପଚାରିବାରୁ ସେ କହିଥିଲେ, ସାହିବାସୀଙ୍କ ସମସ୍ୟା ସମ୍ପର୍କରେ ସେ କାଉନସିଲ ବୈଠକରେ ଉପସ୍ଥାପନା କରିବା ସହ ଜନସ୍ୱାସ୍ଥ୍ୟ ବିଭାଗର ଜେଇଙ୍କୁ ଜଣାଇଥିଲେ। ହେଲେ ସେମାନେ କୌଣସି ପଦକ୍ଷେପ ନେଲେ ନାହିଁ। କୌଣସି ଜନପ୍ରତିନିଧି କି ବିଭାଗୀୟ ଅଧିକାରୀ ଜଳକଷ୍ଟ ଦୂର ପାଇଁ ପଦକ୍ଷେପ ନେଉ ନ ଥିବାରୁ ସେମାନେ ପାଣି ଟୋପାଏ ପାଇଁ ବହୁ ହଇରାଣ ହେଉଛନ୍ତି ବୋଲି ସାହିର ମହିଳା ପି. ପଦ୍ମା, ସୁମନି ଦୀପ, ପଦ୍ମା ପରମିକା, ପାଲକା ଉଷା, ସ୍ୱପ୍ନା ଖୁରା,ଏସ୍. ସିମନ୍ତ, ପ୍ରମିକା ଆଦିଲକ୍ଷ୍ମୀ, ପାଦଳା ଶକୁନ୍ତଳା ପ୍ରମୁଖ ଅଭିଯୋଗ କରିଛନ୍ତି। ସାହିର ଅଧିକାଂଶ ଲୋକ ଦିନ ମଜୁରିଆ ଏବଂ ପୌର ପରିଷଦ ଅଧୀନରେ ଥିବା ଅଞ୍ଚଳରେ ଝାଡୁଦାର ଭାବେ କାମ କରୁଛନ୍ତି । ସକାଳୁ ଉଠି ପ୍ରଥମେ ପାଣି ପାଇଁ ଅପେକ୍ଷା କରୁଛନ୍ତି, ହେଲେ ପାଣି ଆସୁନାହିଁ। ପାଣିକୁ ଜଗି ଜଗି ଅନେକ ସମୟରେ କାମକୁ ଯିବାରେ ମଧ ବିଳମ୍ବ ହେଉଥିବା ସୁମନି ଦୀପ କହିଛନ୍ତି । ୭ ଦିନ ପରେ ୧ ହାଣ୍ଡି ପାଣି ଆସୁଛି ତାହା ବି ଦିନ ୧/ ୨ ଟା ବେଳେ । ସେଥିରେ ନିତ୍ୟକର୍ମ ହେଉନାହିଁ କି କୌଣସି କାମ ହେଉନାହିଁ। ରୋଷେଇ ପାଇଁ ବହୁ କଷ୍ଟରେ ୧ କି.ମି. ଦୂର ଯାଇ ଅନ୍ୟ ସାହିରୁ ହାଣ୍ଡିରେ ପାଣି ଆଣି ଚଳୁଛନ୍ତି । ପାଣି ଆସୁ ନ ଥିବାରୁ ମଙ୍ଗଳବାର ଖାଲି ହାଣ୍ଡି ଧରି ମହିଳାମାନେ ପ୍ରତିବାଦ କରିଛନ୍ତି । ତେଣୁ ପ୍ରଶାସନ ଦୃଷ୍ଟିଦେଇ ଆମକୁ ଅନ୍ତତଃ ଖରାଦିନେ ଟ୍ୟାଙ୍କରରେ ପାଣି ଯୋଗାଣ ବ୍ୟବସ୍ଥା କରିବାକୁ ସ୍ୱପନା ଖୁରା ଦାବି କରିଛନ୍ତି। ପାନୀୟ ଜଳ ସମସ୍ୟାର ତୁରନ୍ତ ସମାଧାନ ନ ହେଲେ ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି । ଜନସ୍ୱାସ୍ଥ୍ୟ ବିଭାଗର ନିର୍ବାହୀ ଯନ୍ତ୍ରୀ ଦାୟିତ୍ୱରେ ଥିବା ସହଦେବ କିଷାନଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଏପରି ଅଭିଯୋଗ ମୋ ପାଖକୁ ଆସିନାହିଁ । ତେବେ ଲୋକେ ପାଣି ଯେପରି ନିୟମିତ ପାଇବେ ଏବଂ ଟ୍ୟାଙ୍କର ପାଣିର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ଆହତଙ୍କୁ ଉଦ୍ଧାର କରିଥିବା ଥାନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା

ମାଲକାନଗିରି, ୧୮।୩(ନୃସିଂହ ଚରଣ ମହାନ୍ତି)

ଜଣେ ପୋଲିସ ଅଧିକାରୀଙ୍କ ପାଇଁ ୩ ଜଣଙ୍କ ଜୀବନ ବଞ୍ଚିଛି। ଏଭଳି ଜଣେ ଥାନା ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରିଛି ମାଲକାନଗିରି ଜିଲା ଉତ୍କଳ ସାମ୍ବାଦିକ ସଂଘ ମାଥିଲି ଶାଖା। ମାଲକାନଗିରି ଜିଲା ମାଥିଲି ଥାନା ଅଞ୍ଚଳରେ ହୋଲିରେ ୨ ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟି ୩ ଜଣ ଯୁବକ ଆହତ ହୋଇଥିଲେ। ମାଥିଲି ଥାନା ଅଧିକାରୀ ଦେବଦତ୍ତ ମଲ୍ଲିକ ଓ ଅନ୍ୟ ପୋଲିସ କର୍ମଚାରୀ ତୁରନ୍ତ ସେମାନଙ୍କୁ ମାଥିଲି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କର ଏପରି କାର୍ଯ୍ୟକୁ ଜିଲା ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ପ୍ରଶଂସା କରାଯାଇଛି। ଉତ୍କଳ ସାମ୍ବାଦିକ ସଂଘ ଜିଲା ସଭାପତି ଅଶୋକ ମିଶ୍ର, ସମ୍ପାଦକ ଶ୍ରୀନିବାସ ପାତ୍ର ଓ କୋଷାଧ୍ୟକ୍ଷ ହୃଷୀକେଶ ସେଠୀଙ୍କ ନିର୍ଦ୍ଦେଶକ୍ରମେ ମାଥିଲି ଶାଖା ସଦସ୍ୟ ତଥା ଜିଲା କାର୍ଯ୍ୟକାରିଣୀ ସଦସ୍ୟ ବାସୁଦେବ ଜେନାଙ୍କ ନେତୃତ୍ୱରେ ଥାନା ଅଧିକାରୀ ମଲ୍ଲିକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସଂଘ ସଦସ୍ୟ ଶିବ ପ୍ରସାଦ ପରିଛା, ଶ୍ୟାମପ୍ରସାଦ ପଟ୍ଟନାୟକ ଓ ପଦ୍ମା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### କୁନ୍ଦୁରାରେ ଯୋଗ ଦେଲେ ନୂତନ ଗୋଷ୍ଠୀ ଶିକ୍ଷାଧିକାରୀ

କୁନ୍ଦୁରା, ୧୮।୩(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍‌ରେ ୧୪ ବର୍ଷ ପରେ ସ୍ଥାୟୀ ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ ରଘୁନାଥ ପାଙ୍ଗି ଯୋଗ ଦେଇଛନ୍ତି। ଗୋଷ୍ଠୀ ଶିକ୍ଷାଧିକାରୀ ପାଙ୍ଗିଙ୍କୁ କୁନ୍ଦୁରା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ନିକଟରେ ବ୍ଲକ୍ ଶିକ୍ଷକ ସଂଘ ପକ୍ଷରୁ ସଭାପତି ତ୍ରିନାଥ ହରିଜନ ଓ ସ୍ଥାନୀୟ ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ତ୍ରିନାଥ ପୁଷ୍ପଗୁଚ୍ଛ ଏବଂ ଉପଢୌକନ ଦେଇ ସ୍ୱାଗତ କରିଥିଲେ। କୁନ୍ଦୁରା ବ୍ଲକ ଅଧୀନରେ



୪୪୦ ଶିକ୍ଷୟିତ୍ରୀ ଓ ଶିକ୍ଷକ ରହିଥିବା ବେଳେ ସେମାନଙ୍କ କାର୍ଯ୍ୟ କରିବା ପାଇଁ ଗତ ଦିନରେ ଜଣେ ଭାରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କୋଟପାଡ଼ ଏବଂ ବୈପାରୀଗୁଡ଼ା ଯିବାକୁ ପଡୁଥିଲା। ସ୍ଥାୟୀ ଗୋଷ୍ଠୀ ଶିକ୍ଷାଧିକାରୀ ନିଯୁକ୍ତ ନେଇ ଶିକ୍ଷକ ସଂଘ ପକ୍ଷରୁ ଲୋକ ପ୍ରତିନିଧିଙ୍କ ନିକଟରେ ଦାବି ହେଉଥିଲା। ନୂତନ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଯୋଗଦାନ ପରେ ଶିକ୍ଷା କ୍ଷେତ୍ରରେ ଓ ଶିକ୍ଷକମାନଙ୍କ କାର୍ଯ୍ୟରେ ଉନ୍ନତି ଆସିବ ବୋଲି ପ୍ରାଥମିକ ଶିକ୍ଷକ ସଂଘ ଉପସଭାପତି ରାକେଶ ଗୁରୁ କହିଛନ୍ତି। ଶିକ୍ଷକମାନଙ୍କ ଦରମା ଓ ବିଭିନ୍ନ କାର୍ଯ୍ୟରେ ଅବହେଳା ପରିଲକ୍ଷିତ ହେଉଥିବାରୁ ଏହା ବର୍ତ୍ତମାନ ସୁଧୁରିବ ବୋଲି ସଂଘ କହିଛି। କାର୍ଯ୍ୟକ୍ରମରେ ସନାତନ ବିଷୋୟୀ, ନୟନ ବିଷୋୟୀ, ସବିତା ଶତପଥୀ,ସଞ୍ଜୟ ସାନ୍ତ୍ରା, ଅଶୋକ ପଣ୍ଡା, ରଘୁନାଥ ସାବତ, ଅରବିନ୍ଦ ବାରିକ,ବିନାୟକ ପଣ୍ଡା,କିଶୋର ପାଳ ଓ ମୁନା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏଶନର ଗଣଧାରଣା

ମାଲକାନଗିରି, ୧୮।୩(ନୃସିଂହ ଚରଣ ମହାନ୍ତି)

ଅଲ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏଶନ ତରଫରୁ ମଙ୍ଗଳବାର ମାଲକାନଗିରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗଣଧାରଣା ଦିଆଯାଇଥିଲା। ଏଥିରେ ଜିଲାର ସମସ୍ତ ଅଙ୍ଗନୱାଡ଼ି କର୍ମୀ ଏବଂ ସହକର୍ମୀ ଯୋଗ ଦେଇଥିଲେ। ପ୍ରାୟ ୩ହଜାରୁ ଉର୍ଦ୍ଧ୍ୱ କର୍ମୀ ଓ ସହକର୍ମୀ ବସ୍‌ଷ୍ଟାଣ୍ଡଠାରୁ ଜିଲାପାଳଙ୍କ କର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ବିରାଟ ଶୋଭାଯାତ୍ରାରେ ଯାଇ ଗଣଧାରଣା ଦେଇଥିଲେ। ଅନେକ ଦାବି ନେଇ ଏହି ଧାରଣା ଦିଆଯାଇଥିଲା। ଦାବିଗୁଡ଼ିକ ମଧ୍ୟରେ ଅଙ୍ଗନୱାଡ଼ି କର୍ମୀଙ୍କୁ ସରକାରୀ ମାନ୍ୟତା,୧୮ହଜାର ଓ ସହକାରୀଙ୍କୁ ୯ହଜାର ଟଙ୍କା, କର୍ମୀଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ, ଅବସରପ୍ରାପ୍ତ କର୍ମଚାରୀଙ୍କୁ ସହାୟତା ଓ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ଆଦି ରହିଛି। ଅଙ୍ଗନୱାଡ଼ି କର୍ମୀ ସରକାରଙ୍କ ସମସ୍ତ ଯୋଜନା ସଫଳ କରିଛନ୍ତି। ବିଭିନ୍ନ



ରାଲିରେ ଅଙ୍ଗନୱାଡ଼ି କର୍ମୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଉଛନ୍ତି ।

କ୍ଷେତ୍ରରେ ସେମାନେ ନିଜେ ପରିଶ୍ରମ କରୁଥିବା ବେଳେ ସରକାର ସେଭଳି କୌଣସି ସହାୟତା ପ୍ରଦାନ କରୁ ନ ଥିବା ସେମାନେ କହିଛନ୍ତି। ଆଗାମୀ ଦିନରେ ଦାବିଗୁଡ଼ିକ ପୂରଣ ନ ହେଲେ ଅଲ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏଶନ ତରଫରୁ ଭୁବନେଶ୍ୱରରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

# କୋଲାବ ଜଳଭଣ୍ଡାର ୨ୟ ରେଳ ଲାଇନ୍‌ରେ ଟ୍ରାଏଲ ରନ୍




ଇଞ୍ଜିନ୍ ଟ୍ରାଏଲ୍ ରନ୍ ସମୟରେ ଉପସ୍ଥିତ ରେଳ ବିଭାଗର କର୍ମଚାରୀମାନେ।

କୋରାପୁଟ, ୧୮।୩(ଅମିତାଭ ବେହେରା)

କୋରାପୁଟରୁ କିରଣ୍ଡଲ ରେଳପଥର କୋଲାବ ଜଳଭଣ୍ଡାର ଉପରେ ନିର୍ମାଣାଧୀନ ଦ୍ୱିତୀୟ ରେଳ ଲାଇନ୍‌ରେ ମଙ୍ଗଳବାର ଇଞ୍ଜିନ୍ ଚଳାଚଳ ଟ୍ରାଏଲ୍ ରନ୍ ଆରମ୍ଭ କରାଯାଇଛି। ୱାଲଟିୟର ରେଳ ଡିଭିଜନ ଡେପୁଟି ଚିଫ ଇଞ୍ଜିନିୟର ରାଜୀବ କୁମାରଙ୍କ ନେତୃତ୍ୱରେ ଏକ ଯାନ୍ତ୍ରିକ ଟିମ୍ ଉପସ୍ଥିତ ଥିଲେ। କେକେ ଲାଇନ ଅଧିନରେ ଥିବା କୋରାପୁଟରୁ ଶୁକୁ ମଧ୍ୟରେ କୋଲାବ ଜଳ ଭଣ୍ଡାର ଉପରେ ନିର୍ମାଣାଧିନ ଏହି ଦ୍ୱିତୀୟ ରେଳ ଲାଇନ୍‌ରେ ଇଞ୍ଜିନ୍ ପରୀକ୍ଷାମୂଳକ ଭାବେ ଚଳାଚଳ ଟ୍ରାଏଲ କରାଯାଇଛି। ଆଗାମୀ ଦିନରେ ସିଆର ନିରୀକ୍ଷଣ ପରେ ଏହି ଲାଇନରେ ରେଳ ଚଳାଚଳ ଆରମ୍ଭ କରାଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ବନ ସୁରକ୍ଷା ସମିତି କୋଠା ନିର୍ମାଣରେ ଦୁର୍ନୀତି ଅଭିଯୋଗ

କୋରୁକୋଣ୍ଡ, ୧୮।୩(ଶିବଦତ୍ତ ସାହୁ)

**କୋରୁକୋଣ୍ଡା ବ୍ଲକ୍**
- ପିଲର ନ ଦେଇ ପଡୁଛି ଫାଉଣ୍ଡେଶନ
- ଘଟଣାର ତଦନ୍ତ କରାଯିବ: ବିଡିଓ

କୋରୁକୋଣ୍ଡା ବ୍ଲକ୍ କାମୱାଡା ପଞ୍ଚାୟତ ତେନ୍ତୁଳିଗୁଡା ଗ୍ରାମରେ ୨୦୨୩–୨୪ରେ ୮.୫୦ ହଜାର ଟଙ୍କା ବ୍ୟୟରେ ବନ ସୁରକ୍ଷା ସମିତି ଗୃହ ନିର୍ମାଣ କାର୍ଯ୍ୟ କରାଯାଉଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ନିମ୍ନମାନର କାମ ହେଉଥିବା ଦେଖିବାକୁ ମିଳୁଛି। ପିଲର ନ ହେଉଣୁ ଫାଉଣ୍ଡେଶନ ପକାଯାଉଛି। ପିଲର ଲାଗି ଛଡ଼ ଦିଆଯାଇଛି, କିନ୍ତୁ କଂକ୍ରିଟ ବଦଳରେ ମେଟାଲ ଦେଇ କାମ ହେଉଛି। କାମରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି।

ଏନେଇ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ରୂପକସିଂ ସାମନ୍ତରାଙ୍କୁ ପଚାରିବାରୁ କାର୍ଯ୍ୟର ପ୍ରଥମେ ଚିପ୍ସ, ସିମେଣ୍ଟ ଓ ବାଲି ଦେଇ ପିଲର ହେବା କଥା। ପରେ ଫାଉଣ୍ଡେଶନ କରାଯିବ ବୋଲି କହିଥିଲେ। ଉକ୍ତ କାର୍ଯ୍ୟ ସମ୍ପର୍କରେ ନିର୍ବାହୀ ଯନ୍ତ୍ରୀ ସୁକାନ୍ତ କୁମାର ସ୍ୱାଇଁଙ୍କୁ ପଚାରିବାରୁ ତଳେ ୪ଇଞ୍ଚ ମେଟାଲ ବେଡ଼ ପଡିବା ପରେ ପିଲର ନିର୍ମାଣ କରାଯିବ। ତା' ପରେ ଫାଉଣ୍ଡେଶନ ପଡିବ । କିନ୍ତୁ ଉକ୍ତ କାମ କେମିତି ହୋଇଛି ସେ ଦେଖିନାହାନ୍ତି। ଘଟଣାସ୍ଥଳକୁ ଯାଇ ଦେଖିଲା ପରେ କହିବେ ବୋଲି କହିଛନ୍ତି। ସ୍ୱାଇଁଙ୍କ କଥାରୁ ଯାହା ଜଣାପଡୁଛି କାର୍ଯ୍ୟାଦେଶ ଦେବା ପରେ କୌଣସି ଅଧିକାରୀ ତଦାରଖ କରିବାକୁ ନ ଯାଇ ଠିକାଦାରଙ୍କ ଉପରେ ଛାଡ଼ି ଦେଇଛନ୍ତି। ସୂଚନାଯୋଗ୍ୟ, ସମାନ ଭାବରେ ଉକ୍ତ ପଞ୍ଚାୟତ ତାଣ୍ଡିକୋଣ୍ଡାରେ ମଧ୍ୟ ବିଭାଗ ଦ୍ୱାରା ଏକ ବନ ସୁରକ୍ଷା ସମିତି କୋଠା ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ସେହି କାର୍ଯ୍ୟ ସମାନ ଭାବରେ ବିନା ବେଡ଼, ପିଲର ସହ ତଳେ ଛଡ଼ ଦେଇ ମେଟାଲ କଂକ୍ରିଟ କରି ଫାଉଣ୍ଡେଶନ ତିଆରି ହେଇଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି। ଘଟଣା ସମ୍ପର୍କରେ ବିଡିଓ ଅମୂଲ୍ୟ ସାହୁଙ୍କୁ ପଚାରିବାରୁ କାର୍ଯ୍ୟସ୍ଥଳକୁ ଯାଇ ତାହା କିପରି ହେଉଛି ଦେଖିବେ। ଯଦି ନିମ୍ନମାନର କରାଯାଉଥିବ ତେବେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।



କୋଠା ନିର୍ମାଣ କରାଯାଉଛି।

# ମାଥିଲି ଉପଖଣ୍ଡ ଚିକିତ୍ସାଳୟ: ଜନ୍ମ ପ୍ରମାଣପତ୍ର ମିଳିବାରେ ସମସ୍ୟା



ଜନ୍ମ ପ୍ରମାଣପତ୍ର ପାଇଁ ଲୋକେ ଭିଡ଼ ଲଗାଇଛନ୍ତି ।

ମାଥିଲି, ୧୮।୩(ସୁବାସ ଚନ୍ଦ୍ର ଖୁଡୁପିଆ)

ମାଥିଲି ଉପଖଣ୍ଡ ଚିକିତ୍ସାଳୟରେ ଜନ୍ମ ପ୍ରମାଣପତ୍ର ମିଳିବାରେ ଲୋକଙ୍କୁ ଅନେକ ଅସୁବିଧାର ସମ୍ମୁଖୀନ ହେବା ଦେଖିବାକୁ ମିଳିଛି। ସାମାଜିକ କର୍ମୀ ସଦାଶିବ ପୂଜାରୀ ଏହି ସମସ୍ୟାକୁ ଦୃଷ୍ଟିରେ ରଖି ମଙ୍ଗଳବାର ଉପଖଣ୍ଡ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ସେ ଦେଖିଥିଲେ, ଜନ୍ମ ପ୍ରମାଣପତ୍ର ମିଳିବା ପାଇଁ ଲୋକମାନେ ଘଣ୍ଟା ଘଣ୍ଟା ଅପେକ୍ଷା କରିଛନ୍ତି। କିନ୍ତୁ କର୍ମଚାରୀମାନେ ବୃଦ୍ଧ, ମହିଳା ଓ ଶିଶୁମାନଙ୍କୁ ଅସମ୍ମାନ କରୁଛନ୍ତି। ଏହି ଅସୁବିଧା ଦେଖି ପୂଜାରୀ ଚିକିତ୍ସାଳୟ କର୍ମଚାରୀଙ୍କୁ ଲୋକଙ୍କୁ ଭଲ ବ୍ୟବହାର କରିବା ପାଇଁ ତାଗିଦା କରିଥିଲେ। ଏହି ଅବ୍ୟବସ୍ଥା ଆଗକୁ ଯେପରି ନ ହୁଏ ସେଥିପାଇଁ ସେ ମେଡିକାଲ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ମେଡିକାଲ ଅଫିସର ବସନ୍ତ କୁମାର ସାହୁଙ୍କୁ ପଚାରିବାରୁ ବିଦ୍ୟୁତ୍ କାଟ ଏବଂ ନେଟୱର୍କ ସମସ୍ୟା ଯୋଗୁ ଲୋକେ ପ୍ରମାଣପତ୍ର ପାଇବାରେ ଅସୁବିଧା ହେଉଛି ବୋଲି ସେ କହିଛନ୍ତି ।

# ବାଇକ୍ ଚୋରି ଅଭିଯୋଗ

ମାଲକାନଗିରି, ୧୮।୩(ନୃସିଂହ ଚରଣ ମହାନ୍ତି)

ମାଲକାନଗିରି ସହରରେ ରବିବାର ରାତିରେ ୩ ସ୍ଥାନରେ ଚୋରି ଉଦ୍ୟମକରି ବିଫଳହେବା ପରେ ଗୋଟିଏ ବାଇକ୍ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ହସ୍ପିଟାଲ କଲୋନିରେ କେତେଜଣ ଦୁର୍ବୃତ୍ତ ଗେଟ୍ ତାଲା ଭାଙ୍ଗି ପ୍ରବେଶ କରିଥିଲେ। ସେଠାରେ ଭଡ଼ାରେ ରହୁଥିବା ଜଣେ ଶିକ୍ଷକଙ୍କ ବାଇକ୍ ଓ ଆଉ ଗୋଟିଏ ବାଇକ୍ ଲକ ଭାଙ୍ଗି ଚୋରିକରି ନେବାକୁ ଉଦ୍ୟମ କରିଥିଲେ । ଦୁଇଟି ଗାଡ଼ି ସେନ୍ସର ଲକ୍ ଥିବାରୁ ଷ୍ଟାର୍ଟ ହୋଇ ନ ଥିଲା। ଫଳରେ ଚୋରିରେ ବିଫଳ ହୋଇ ତାର ଛିଡାଇ ପଳାଇଯାଇଥିଲେ। ରାତି ପ୍ରାୟ ୩ଟା ରେ ମେଡିକାଲ ପାଖ ଏକ ଦୋକାନର ଥିବା ବାଇକ୍‌କୁ ଚୋରି କରିନେଇ ଥିବା ଜଣାପଡିଛି। ଏ ସମ୍ପର୍କରେ ଥାନାରେ ଅଭିଯୋଗ ହେବାପରେ ପୋଲିସ ସିସିଟିଭି ଫୁଟେଜ ଯାଞ୍ଚ କରୁଛି।

# ବାଲିବସ୍ତା ରଖି ଚେକ୍ ଡ୍ୟାମ୍ ନିର୍ମାଣ କଲେ ଚାଷୀ

## ଶୁଣୁନି ପ୍ରଶାସନ

ପଟ୍ଟାଙ୍ଗି, ୧୮।୩(ଶରତ କୁମାର ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ଅନ୍ତର୍ଗତ ସମ୍ବାଇ ପଞ୍ଚାୟତର ରାଇଗୁଡା, କୁସୁମା, ବୁରୁଡିଗୁଡା ଓ କୁସୁମା ସେମିଳିଗୁଡ଼ା ଆଦି ୪ ଗ୍ରାମର ଚାଷୀ ଜମିକୁ ପାଣି ଯୋଗାଇବା ପାଇଁ ବାଲିବସ୍ତା ରଖି ଚେକ୍ ଡ୍ୟାମ୍ ନିର୍ମାଣ କରିଥିବା ନଜିର ରହିଛି। ଚାଷଜମିକୁ ପାଣି ପହଞ୍ଚିବା ନେଇ ପଞ୍ଚାୟତ ଓ ବ୍ଲକ ପ୍ରଶାସନକୁ ଜଣାଇବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ୪ ଗ୍ରାମର ଚାଷ ଜମିରେ ପାଣି ବ୍ୟବସ୍ଥା ନଥିବାରୁ ଚାଷୀ ହଇରାଣ ହେଉଛନ୍ତି। ଫଳରେ ଚାଷ ଜମି ନିକଟ ଦେଇ ବୋହି ଯାଉଥିବା ନଦୀରେ ବାଲିବସ୍ତା ରଖି ଅସ୍ଥାୟୀ ଚ୍ୟାକ୍ ଡ୍ୟାମ୍ ନିର୍ମାଣ କରି ଜମିକୁ ପାଣି ଯୋଗାଇବା ବ୍ୟବସ୍ଥା କରିଛନ୍ତି। ଏହି ନଦୀରେ ନିକଟରେ ଏକ ଏଲାଇ ପଏଣ୍ଟ୍ ନିର୍ମାଣ



ଗ୍ରାମବାସୀ ବାଲିବସ୍ତା ରଖି ଚେକ୍ ଡ୍ୟାମ୍ ନିର୍ମାଣ କରୁଛନ୍ତି।

କରାଯାଇଥିଲା। ସେହି ପଏଣ୍ଟ୍ କିଛି ବର୍ଷ କାର୍ଯ୍ୟକ୍ଷମ ହେବା ପରେ ଖରାଟିଆ ଚାଷ ପାଇଁ ସୁବିଧା ହେଉଥିଲା। କିନ୍ତୁ ଏହା ଖରାପ ହେବା ପରଠାରୁ ସରକାରୀ ସ୍ତରରେ ପୁନରୁଦ୍ଧାର ନେଇ ଆଗ୍ରହ ପ୍ରକାଶ କରାଯାଇ ନ ଥିବା ରାଇଗୁଡା ବଲବ ପାମ୍ପିଆ ଅଭିଯୋଗ କରିଛନ୍ତି। ୪ ଗ୍ରାମର ୨୦୦ରୁ ଉର୍ଦ୍ଧ୍ୱ ଚାଷୀ ୨୫ ଏକର ଜମି ଉପରେ ନିର୍ଭର କରି ଖରାଟିଆ ଚାଷ କରିଥାଉ। କିନ୍ତୁ ନଦୀରେ ଆବଶ୍ୟକ ପଡୁଥିବା ଚ୍ୟାକ୍ ଡ୍ୟାମ୍ ପାଇଁ ପଞ୍ଚାୟତକୁ ଅନେକଥର ପ୍ରସ୍ତାବ ଦେଇଥିଲେ ସୁଦ୍ଧା କେହି ଆଗ୍ରହ ପ୍ରକାଶ କରୁନଥିବା କୁସୁମା ଗ୍ରାମର ସୀତା ରାମ ହନ୍ତାଳ, ବୁରୁଡିଗୁଡାର ଗୋପୀନାଥ ବୁରୁଡି ଏବଂ କୁସୁମା ସେମିଳିଗୁଡାର ଅର୍ଜୁନ କଡ଼ିଆ ଅଭିଯୋଗ କରିଛନ୍ତି। ଏ ନେଇ ସରକାରୀ ସ୍ତରରେ ପଦକ୍ଷେପ ଗ୍ରହଣ କରାଗଲେ ଅନେକ ଚାଷୀ ଚାଷ ପାଇଁ ଉପକୃତ ହୋଇପାରିବେ ବୋଲି ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ସମ୍ବାଇ ପଞ୍ଚାୟତର ସରପଞ୍ଚ କିଶୋର ଖରାଙ୍କୁ ପଚାରିବାରୁ ଏହି ସମସ୍ୟା ପ୍ରତି ମୋର ଦୃଷ୍ଟି ଅଛି। ଏହାକୁ ନେଇ ବ୍ଲକ୍ ପ୍ରଶାସନ ସହ ଆଲୋଚନା କରି ସମାଧାନ କରାଯିବା ନେଇ ମୁଁ ଚେଷ୍ଟା କରିବି ବୋଲି ସେ କହିଛନ୍ତି।

# ମିଳିତ ତଦନ୍ତରେ ହାଜର ପାଇଁ ନୋଟିସ

ସୁନାବେଡ଼ା/ସେମିଳିଗୁଡ଼ା, ୧୮।୩
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

ଏସ୍‌ଏଚ୍‌ଜି ମହିଳାଙ୍କୁ ବୀମା ଲୋଭ ଦେଖାଇ ଠକିବା ଘଟଣାର ତଦନ୍ତ ପାଇଁ ସିଡିପିଓ ନଳିନୀ ବେହେରାଙ୍କୁ ପ୍ରଶାସନ ନୋଟିସ ଜାରି କରିଥିଲେ। ଏହାପରେ ସୋମବାର ସିଡିପିଓ ବେହେରା ଉଭୟ ପକ୍ଷଙ୍କୁ ଚିଠି ନଂ. ୩୦୫ରେ ନୋଟିସ ଜାରି କରିଛନ୍ତି। ସିଡିପିଓ ବେହେରା ଜାରି କରିଥିବା ନୋଟିସ ମୁତାବକ ଶାନ୍ତି ଏସ୍‌ଏଚ୍‌ଜିର ସମ୍ପାଦକ ଓ ସଭାପତିଙ୍କ ସହ ସୁନାବେଡ଼ା ମ୍ୟୁନିସିପାଲିଟି ଅଞ୍ଚଳର ଶାଶ୍ୱତି ମହାସଂଘର ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ/ ଆବାହକ ଅଶ୍ୱିନୀ ପଟ୍ଟନାୟକ ସମସ୍ତ ଦସ୍ତାବିଜ ସହିତ ମାର୍ଚ୍ଚ ୧୯(ବୁଧବାର) ଆଇସିଡିଏସ୍ ସଭାଗୃହରେ ପୂର୍ବାହ୍ନ ୧୧ଟାରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଚିଠିର ନକଲ ସୁନାବେଡ଼ା ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ, ସାଶ୍ୱତି ମହାସଂଘର ଅଶ୍ୱିନୀ, ସିଡିଓ/ଇଓ ଜିଲା ପରିଷଦ କୋରାପୁଟ ତଥା ପିଏ ଜିଲାପାଳଙ୍କ ନିକଟକୁ ପଠାଇଥିବା ଜଣାପଡିଛି। ପ୍ରକାଶ ଯେ, ସୁନାବେଡ଼ା ମ୍ୟୁନିସିପାଲିଟି ଅଞ୍ଚଳର ଶାଶ୍ୱତି ମହିଳା ମହାସଂଘର ଅଶ୍ୱିନୀ ପଟ୍ଟନାୟକ, ଶାନ୍ତି ଏସ୍‌ଏଚ୍‌ଜିର ମହିଳାଙ୍କୁ ବୀମା ଲୋଭ ଦେଖାଇ ୭୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ସମ୍ପର୍କରେ ତଦନ୍ତ ପାଇଁ କୋରାପୁଟ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ, ସୁନାବେଡ଼ା ସିଡିପିଓ ଏବଂ ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ୭।୩।୨୫ରେ ଚିଠି ନଂ. ୧୫୧/୨୫ରେ ନିର୍ଦ୍ଦେଶ ଦେଇଥିଲେ। ୭ଦିନ ମଧ୍ୟରେ (ବିପିସି, ସିଡିପିଓ ଏବଂ ଇଓ)ମିଳିତ ତଦନ୍ତ କରି ରିପୋର୍ଟ ଦାଖଲ ପାଇଁ ଚିଠିରେ ନିର୍ଦ୍ଦେଶ ରହିଥିଲା।

# ରାସ୍ତା କାମରେ ନିୟୋଜିତ ରୋଲରକୁ ପୋଡ଼ିଦେଲେ ଦୁର୍ବୃତ୍ତ

କୋରୁକୋଣ୍ଡା, ୧୮।୩
(ଶିବଦତ୍ତ ସାହୁ )

ମାଲକାନଗିରି ଜିଲା କୋରୁକୋଣ୍ଡା ଥାନା ପେଟ୍ରୋଲ ଛକ ନିକଟ ତେନ୍ତୁଳିଗୁଡାରେ ବାଲିମେଳା–ମାଲକାନଗିରି ରାସ୍ତା କାମରେ ନିୟୋଜିତ ଥିବା ରୋଲରକୁ କେହି ଦୁର୍ବୃତ୍ତ ପୋଡ଼ିଦେଇଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ଉକ୍ତ କାମ ମାଲକାନଗିରି ବିଏନ୍‌ଏସ୍ ଠିକା ସଂସ୍ଥା କରୁଥିବା ବେଳେ ବର୍ତ୍ତମାନ ପେଟ୍ରୋଲ ଛକଠାରୁ ବାଲିମେଳା ପର୍ଯ୍ୟନ୍ତ କାମ ହେଉଛି। ଗତ ୧୬ ତାରିଖ ରାତିରେ ଉକ୍ତ ସଂସ୍ଥାର ଏକ ରୋଲର ନଂ. ସିଜି ୧୭ କେଇୟୁ ୭୮୪୬କୁ କେହି ଦୁର୍ବୃତ୍ତ ପୋଡ଼ିଦେଇଛନ୍ତି । ଏନେଇ କୋରୁକୋଣ୍ଡା ଥାନରେ ଠିକା ସଂସ୍ଥା ତରଫରୁ ଏକ ଲିଖିତ



ପୋଡ଼ିଯାଇଥିବା ରୋଲର ।

ଅଭିଯୋଗ କରାଯାଇଛି। ପୋଲିସ ନଂ. ୩୯/୨୫ ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିବା ଥାନା ଅଧିକାରୀ ହିମାଂଶୁ ଶେଖର ବାରିକ କହିଛନ୍ତି। ଏହାର ତଦନ୍ତ ଏଏସ୍‌ଆଇ ସଞ୍ଜୀବ ଖରାଙ୍କୁ ଦିଆଯାଇଛି। ଖୁବ୍‌ଶୀଘ୍ର ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ଧରାଯିବ ବୋଲି ବାରିକ କହିଛନ୍ତି ।

# ନାଗେଶ୍ୱରୀ ପାହାଡ଼ଖୋଳାକୁ ବିରୋଧ

ସୁନାବେଡ଼ା/ସେମିଳିଗୁଡ଼ା, ୧୮।୩
(କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଅନ୍ତର୍ଗତ ବାଲଡ଼ାସ୍ଥିତ ନାଗେଶ୍ୱରୀ ଗୁମ୍ଫାର ସୁରକ୍ଷା ନେଇ ବିରୋଧର ସ୍ୱର ଉଠିଛି। ମଙ୍ଗଳବାର ନାଗେଶ୍ୱରୀ ସୁରକ୍ଷା ମଞ୍ଚ ଆହ୍ୱାନରେ ନନ୍ଦପୁର ତହସିଲ ନିକଟ ଭେଜା,ବାଲଡା,ଅତଣ୍ଡା,ବାଡେଲ ଓ କୁଲାବୀର ଆଦି ୫ ପଞ୍ଚାୟତର ୨୧ରୁ ଅଧିକ ଗାଁର ୫ ହଜାରରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ନନ୍ଦପୁର ହାଇସ୍କୁଲ ପଡିଆରେ ଏକତ୍ରିତ ହୋଇଥିଲେ। ସେଠାରୁ ହାତରେ ପ୍ଲାକାର୍ଡ ଧରି ଆଦାନୀ କମ୍ପାନୀ ଗୋ ବ୍ୟାକ୍ ନାରା ଦେଇ ପ୍ରାୟ ଦେଢ଼ କି.ମି ଚାଲିଚାଲି ନନ୍ଦପୁର ତହସିଲଦାରଙ୍କ କାର୍ଯ୍ୟାଳୟରେ ପହଞ୍ଚି ୫ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ତହସିଲଦାର ପ୍ରଭାତୀ ଝଡ଼ିଆଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ,ରାଜ୍ୟପାଳ ଓ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ପେଶା ଆକ୍ଟ ଲାଗୁ, ଜଙ୍ଗଲ ଆଇନ ୨୦୦୬ ଏବଂ ସେଡୁଲ ୫ ଏରିଆ, ଜଳ ଜଙ୍ଗଲ ଜମି ଆଦିବାସୀଙ୍କ ଅଧିକାର ଓ ସେଥିରୁ ସେମାନ ବଞ୍ଚିତ ନ ହେବା ଓ ବିନା ପଲ୍ଲୀସଭା ତଥା ଗ୍ରାମସଭାରେ ବେଆଇନ ଭାବେ କମ୍ପାନୀ ଖଣି ଲିଜ୍ ବାତିଲ କରାଯିବା ଆଦି ଦାବି ରହିଛି। ଏଥିରେ ଲୋକଶକ୍ତି ମଞ୍ଚର ଆବାହକ ପ୍ରଫୁଲ୍ଲ ସାମନ୍ତରାୟ, କଂଗ୍ରେସ ବିରୋଧୀ ଦଳ ନେତା ତଥା ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡ଼ାମ, ନାଗେଶ୍ୱରୀ ସୁରକ୍ଷା ମଞ୍ଚର ନାରୀନେତ୍ରୀ ଲକ୍ଷ୍ମୀ ସୀସା,ନନ୍ଦପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କରଡୁଲ, ସେମିଳିଗୁଡା ମାଳି ପର୍ବତ ସୁରକ୍ଷା ସମିତି ସଭାପତି ବିଜୟ ଖିଲ, ଉପଦେଷ୍ଟା ଦାସୀ ନନ୍ଦିବାଲି, ସାମାଜିକକର୍ମୀ ଗୁପ୍ତେଶ୍ୱର ପାଣିଗ୍ରାହୀ ଓ ଏକାଧିକ ସଂଗଠନ ସାମିଲ ରହିଥିବା ସୂଚନା ମିଳିଛି। ପ୍ରକାଶ

## ସୁରକ୍ଷା ନେଇ ତହସିଲଦାରଙ୍କୁ ଦାବିପତ୍ର



ନନ୍ଦପୁର ତହସିଲଦାର ପ୍ରଭାତୀ ଝଡ଼ିଆଙ୍କୁ ନାଗେଶ୍ୱରୀ ସୁରକ୍ଷା ମଞ୍ଚ ପକ୍ଷରୁ ଦାବିପତ୍ର ଦିଆଯାଉଛି।

ଯେ, ସିଡ୍ୟୁଲ୍ ୫ ଏରିଆରେ ଥିବା ଜମିକୁ କେହି ଅଣଆଦିବାସୀ କିଣିବା କିମ୍ବା ଲିଜ୍ ନେଇପାରିବେ ନାହିଁ ବୋଲି ନିୟମ ଥିବା ବେଳେ ସରକାର ଏହି ଆଇନର ଉଲ୍ଲଂଘନ କରୁଛନ୍ତି ବୋଲି ବିରୋଧୀ କହିଛନ୍ତି। ଆଦାନୀ ଗ୍ରୁପ ଆଦିବାସୀ ହୋଇନଥିବାରୁ ତାଙ୍କୁ ସରକାର କିପରି ଲିଜ୍ ଦେଲେ ବୋଲି ପାଲଟା ପ୍ରଶ୍ନ କରିଛନ୍ତି। ହାଣ୍ଡିପୁଟ ନିକଟ ବାଲଡା ଗ୍ରାମର ୧୪୪ ଦଶମିକ୯୪୫ ହେକ୍ଟର ଜମି ତଥା ଭେଜା ମୌଜା ଖାତା ନଂ ୨୭,ପ୍ଲଟ ନଂ–୨୨୫ରେ ଥିବା ୨.୪୮ ଏକର ଅଞ୍ଚଳରୁ ବକ୍ସାଇଟ୍ ଉତ୍ତୋଳନ ପାଇଁ ଆଦାନୀ ଗ୍ରୁପ୍ ଲିଜଧାରୀ ମେସର୍ସ କଳିଙ୍ଗ ଆଲୁମିନାକୁ ଲିମିଟେଡ୍ ଦିଆଯାଇଛି। ଯାହାର ବାର୍ଷିକ ଉତ୍ତୋଳନ କ୍ଷମତା ୪ ମିଲିୟନ ଟନ୍(ଏମ୍‌ଟିପିଏ) ଓ ପିଟ ହେଡ ଘଣ୍ଟା ପ୍ରତି ୮୦୦ ଟନ୍(ଟିପିଏଚ) କ୍ରସସ୍କ୍ରିନିଂ ରହିଥିବାରୁ ଅନେକ ପରିବାର ପ୍ରଭାବିତ ହେବେ। ସେଥିପାଇଁ ଜୀବନ ଦେବୁ ପଛେ ଏଠାରେ ଖଣି ଖୋଳିବାକୁ ଦେବୁନାହିଁ ବୋଲି ବିରୋଧୀମାନେ କହିଛନ୍ତି। ସୁରକ୍ଷାକୁ ଦୃଷ୍ଟିରେ ରଖି ନନ୍ଦପୁର ଏସ୍‌ଡିପିଓ ଦେବେନ୍ଦ୍ର ମଲ୍ଲିକଙ୍କ ସହ ନନ୍ଦପୁର ଥାନା ଅଧିକାରୀ ମମତା ପଣ୍ଡା ଓ ୨ ପ୍ଲାଟୁନ ପୋଲିସ ଫୋର୍ସ ଏବଂ ଆଇଆରବି ଯବାନ ମୂତୟନ ହୋଇଥିଲେ।

